To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ନୂଆ ଦଳ ଗଢ଼ିବେ ପ୍ରବୀଣ ତୋଗାଡ଼ିଆ



R.N.I. No.-42041/83 Vol-15, Issue No.323, ଭଦ୍ରକ, ମଙ୍ଗଳବାର, ୨୯, ମଇ ୨୦୧୮ ■ Bhadrak, Tuesday, 29 May 2018 Rs. 2.00 Pages-8

ଇସ୍ତଫା ଦେଲେ ବୈଜୟନ୍ତ

- ମୁଖ୍ୟମନ୍ତ୍ରୀଙ୍କୁ ପଠାଇଲେ ୩ ପୃଷ୍ଠାର ଇସ୍ତଫାପତ୍ର
- ସାଂସଦ ପଦରୁ ମଧ୍ୟ ଦେବେ ଇସ୍ତଫା
- ବୈଜୟନ୍ତଙ୍କ ସମର୍ଥକ ବି ଦେଲେ ଇସ୍ତଫା

ଭୁବନେଶ୍ୱର, ୨୮।୫ (ସକାଳ ଖବର): ବିଜେଡିର ବରିଷ୍ଠ ନେତା ବୈଜୟନ୍ତ ପଣ୍ଡା ଦଳରୁ ଇସ୍ତଫା ଦେଇଛନ୍ତି। ଏହାପରେ ସେ ସାଂସଦ ପଦରୁ ମଧ୍ୟ ଇସ୍ତଫା ଦେବେ ବୋଲି କହିଛନ୍ତି ଏହି ଇସ୍ତଫାକୁ ନେଇ ସାଧାରଣ ଜନତାଙ୍କ ଏବଂ ରାଜ୍ୟ ରାଜନୀତିରେ ଆଲୋଚ୍ୟର ବିଷୟ ହୋଇଛି। ୩ ପୃଷ୍ଠା ସମ୍ବଳିତ ଇସ୍ତଫା ପତ୍ରକୁ ଶ୍ରୀ ପଣ୍ଡା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି । ଏଥିରେ ନିଜର କ୍ଷୋଭ ପ୍ରକାଶ କରିବା ସହ ତାଙ୍କ କିଭଳି ଭାବେ ଅଲୋଡା କରାଯାଇଥିଲା ତାହା ସେ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। ସାଂସଦ ଶ୍ରୀ ପଣ୍ଡାଙ୍କ ପ୍ରତି ଦଳ ପକ୍ଷରୁ ଯେଉଁଭଳି ଅବିଚାର କରାଯାଇଛି ତାହାକୁ କେନ୍ଦ୍ରାପଡାବାସୀ ନାପସନ୍ଦ କରିଛନ୍ତି । ଏପରିକି ଦଳର କିଛି ବରିଷ୍ଠ ନେତା ଖୋଲାଖୋଲି ଭାବେ ନକହିଲେ ମଧ୍ୟ ପରୋକ୍ଷରେ ନାପସନ୍ଦ କରିଛନ୍ତି। ଶ୍ରୀ ପଣ୍ଡା ତାଙ୍କ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି ଯେ ବିଜୁ ବାବୁଙ୍କ ସହିତ ତାଙ୍କରେ ପାରିବାରିକ ସମ୍ପର୍କ ରହିଥିଲା । ତାଙ୍କ ବାପାଙ୍କ ସହିତ ମଧ୍ୟ ବିଜୁ ବାବୁଙ୍କର ଘନିଷ୍ଠତା ଥିଲା। ବିଜୁ ବାବୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିଲେ । ନିକଟରେ ତାଙ୍କ ବାପା ବଂଶୀଧର ପଣ୍ଡାଙ୍କ ମୃତ୍ୟୁ ଘଟିବା ବେଳେ ସବୁ ଦଳର ନେତା ମାନେ ଆସିଥିବା ବେଳେ ବିଜେଡିରୁ କେହି ଆସିନଥିଲେ। କିଛି ନେତା ମଧ୍ୟ ନଆସିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ । ଏଭଳି ଆଚରଣ ଅମାନବୀୟ। ଯାହାକି ତାଙ୍କୁ ମର୍ମାହତ କରିଛି। ଦଳରେ ଥିବା ଦୋଷ ତ୍ରୁଟିକୁ ଦର୍ଶାଇଲେ ଯେ ଦଣ୍ଡ ଭୋଗିବାକୁ ପଡେ ତାହା ତାଙ୍କର ଉପଲବ୍ଧି ହୋଇଛି । ହୀନ ପରିବେଶ ମଧ୍ୟରେ ଦଳରେ ଅଧିକ ସମୟ ରହିବା ସେ ଉଚିତ୍ ମନେ କରୁନାହାନ୍ତି ବୋଲି ସେ ଉକ୍ତ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଦଳରେ ନୀତି ଆଉ ଆଦର୍ଶ ନାହିଁ।

ଅନ୍ୟପକ୍ଷରେ ବୈଜୟନ୍ତଙ୍କ ଇସ୍ତଫା ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ବୈଜୟନ୍ତ ଦେଇଥିବା ଇସ୍ତଫା ସମ୍ପର୍କରେ ସେ ଜାଣି ନାହାନ୍ତି । ସେ କେବଳ ଗଣମାଧ୍ୟମରୁ ଏହି ସୂଚନା ପାଇଛନ୍ତି। ଦଳର ସଭାପତି ଏହା ଉପରେ ଯାହା ପ୍ରତିକ୍ରିୟା ରଖିବେ ବୋଲି କହିଛନ୍ତି । ସାଂସଦ କିଛି ଦିନ ଧରି ନିଆରା ଢଙ୍ଗରେ ଚାଲୁଥିଲେ। ତାଙ୍କ ପିତାଙ୍କ ଦେହାନ୍ତ ହୋଇଛି ସେ ବିଷୟରେ ରାଜନୈତିକ ଆଲୋଚନା ଚାହୁଁନ୍ନା ଏକାଦଶାହ ପରେ ଏନେଇ ଦଳ ଉତର **(ପୃଷ୍ଠା-୭)**

୮,୯୫୩ କର୍ମନିଯୁକ୍ତି ସୃଷ୍ଟି ହେବ : ମୁଖ୍ୟମନ୍ତ୍ରୀ

୨,୬୭୫କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ

ଭୁବନେଶ୍ୱର, ୨୮।୫ (ସକାଳ ଖବର): ଓଡିଶାର ଦ୍ୱିତୀୟ ଗ୍ରାଉଣ୍ଡ ବ୍ରେକିଂ ଉତ୍ସବରେ ୨,୬୭୫କୋଟି ଟଙ୍କାର ପୁଂଜିନିବେଶରେ ୮,୯୫୩ କର୍ମନିଯୁକ୍ତି ଦେବା ଉଦ୍ଦେଶ୍ୟରେ ୭ଟି ମ୍ୟାନୁଫାକଚରିଂ ୟୁନିଟ୍ ର ଉଦଘାଟନ କରିବା ସହ ୧୨ ଟି ୟୁନିଟ୍ ର ଭୂମି ପୂଜନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସମ୍ପୃକ୍ତ ୟୁନିଟର ଉଦଘାଟନ ଓ ଭୂମିପୂଜନ କରିଥିଲେ। ସେ କହିଥିଲେ ଯେ ପୁଂଜି ନିବେଶ କାର୍ଯ୍ୟକାରୀ କରିବାରେ ଓଡିଶା ଦେଶର ପ୍ରଥମ ରାଜ୍ୟ। ପୂର୍ବ ଭାରତର ମ୍ୟାନୁଫାକ୍ଚରିଂ ପେଣ୍ଠ ହେବା ପଥରେ ଓଡ଼ିଶା ଆଗେଇ ଚାଲିଛି।

ସୋମବାର ଦିନ ସଚିବାଳୟ ଠାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏହି ଉତ୍ସବକୁ ଉଦଘାଟନ କରିଥିଲେ । ସେ କହିଥିଲେ ଯେ ଖଣିଜ ଭିତିକ ଶିଳ୍ପ ବାଦ୍ ବ୍ୟାପକ ଶିଳ୍ପ ବିକାଶ ପାଇଁ ରାଜ୍ୟ ସରକାର ପ୍ରକଳ୍ପ ଗୁଡିକୁ ପ୍ରଦର୍ଶନ କରୁଛନ୍ତି। ସେଗୁଡିକ ହେଲା ବୟନ ଓ ପୋଷାକ , କେମିକାଲ୍ସ ସାର , ସିମେଂଟ , ଖାଦ୍ୟ ପ୍ରକ୍ରିୟାକରଣ , ଡାଉନଷ୍ଟ୍ରିମ୍ ଶିଳ୍ପ । ରାଜ୍ୟର ଶିଳ୍ପ ବିକାଶ ଯାତ୍ରାରେ ମେକ୍ ଇନ୍ ଓଡିଶା କନକ୍ଲେଭ୍ ୨୦୧୬ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍ଖୁଂଟ ଥିଲା। ଏହାପରେ ୨୦୧୭ ନଭେମ୍ବରରେ ୧୫ଟି ମ୍ୟାନୁଫ୍ୟାକଚରିଂ ୟୁନିଟ୍ ର ପ୍ରଥମ ଗ୍ରାଉଣ୍ଡ ବ୍ରେକିଂ ହୋଇଥିଲା। ଯେଉଁଥିରେ ୧୧,୬୯୦ କୋଟି ଟଙ୍କାର ପୁଂଜି ନିବେଶ ହୋଇଥିଲା ଏବଂ ୮,୧୮୭ କର୍ମ ନିଯୁକ୍ତି ସୃଷ୍ଟି କରିଛି। ୨୦୧୬ର କନକ୍ଲେଭ୍ ରେ ଖଣି , ମେଟାଲ ଓ ଶକ୍ତି ଭଳି **(ପୃଷ୍ଠା-୭)**

ଭୁବନେଶ୍ୱରରେ ନୂତନ ରାଜ୍ୟପାଳ, ଆଜି ଶପଥ ଗ୍ରହଣ

ଭୁବନେଶ୍ୱର, ୨୮।୫ (ସକାଳ ଖବର): ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସୋମବାର ଭୁବନେଶ୍ୱରରେ ପହଂଚିଛନ୍ତି । ଅପରାହ୍ନ ପ୍ରାୟ ଗୋଟେ ୧୦ ମିନିଟ ସମୟରେ ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିଥିଲେ । ସେଠାରେ ତାଙ୍କୁ ଓଡିଶା ପୋଲିସ୍ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ସେଠାରୁ ସେ ରାଜଭବନ ଅଭିମୁଖେ ଯାଇଥିଲେ। ଆଜି ସେଠାରେ ରାତ୍ରୀଯାପନ କରିବେ। ଆସନ୍ତାକାଲି ସନ୍ଧ୍ୟାରେ ରାଜଭବନ ଠାରେ ସେ ଶପଥ ଗ୍ରହଣ କରିବେ। ହାଇକୋର୍ଟର ମୁଖ୍ୟବିଚାରପତି ଶ୍ରୀ ଲାଲ୍ କୁ ଶପଥ ପାଠ କରାଇବେ । ସୂଚନାଯୋଗ୍ୟ ଯେ ବିଦାୟୀ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କୁ ଗତକାଲି ରାଜଭବନରେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ଏହାପରେ ସେ ବିହାର ଅଭିମୁଖେ ଯାତ୍ରା କରିଥିଲେ। ରାଜ୍ୟପାଳ ଏସ୍.ସି ଜମିରଙ୍କ କାର୍ଯ୍ୟକାଳ ସରିବା ପରେ ବିହାର ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କୁ ଓଡ଼ିଶାର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ସେ ଗତ ମାର୍ଚ୍ଚ ୨୧ ତାରିଖରୁ ଓଡିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଉଥିଲେ। ଏହାପରେ କେନ୍ଦ୍ର ସରକାର ଗଣେଶୀ ଲାଲଙ୍କୁ ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ କରିଥିଲେ।

ବଢ଼ିଲା ବସ୍ ଭଡା

ଭୁବନେଶ୍ୱର, ୨୮।୫ (ସକାଳ ଖବର): ରାଜ୍ୟରେ ପୁଣି ଥରେ ବସ୍ ଭଡା ବୃଦ୍ଧି ପାଇଛି। ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡା କିମି ପ୍ରତି ୨ ପଇସା ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡା କିମି ପ୍ରତି ୪ ପଇସା ଲେଖାଏଁ ବୃଦ୍ଧି ପାଇଛି। ସାଧାରଣ ବସ୍ ଭଡା ପୂର୍ବରୁ କିମି ପ୍ରତି ୬୮ ପଇସାଥିବା ବେଳେ ଏବେ ତାହା ୭୦ ପଇସାକୁ ବୃଦ୍ଧି ପାଇଛି। ସେହିପରି ଏକ୍ସପ୍ରେସ୍ ବସ୍ ଭଡା ୭୧ରୁ ୭୩ ପଇସାକୁ, ଡିଲକ୍ସ ବସ୍ ଭଡ଼ା ୯୭ ପଇସାରୁ ୧ ଟଙ୍କା ୧ ପଇସାକୁ ଓ ଏସି ଡିଲକ୍ସ ଭଡ଼ା ୧ ଟଙ୍କା ୧୯ ପଇସାରୁ ୧ଟଙ୍କା ୨୩ ପଇସାକୁ ବୃଦ୍ଧି କରାଯାଇଛି। ତୈଳ ଦର ବୃଦ୍ଧି ଯୋଗୁଁ ବସ୍ ଭଡା ବୃଦ୍ଧି ପାଇଥିବା ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଏହି ସୂଚନା ଦେଇଛନ୍ତି ।

- ସାଧାରଣ ଓ ଏକ୍ସପ୍ରେସ୍ କିମି ପ୍ରତି ୨ ପଇସା
- ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡା କିମି ପ୍ରତି ୪ ପଇସା

ଉଦ୍‌ଘାଟନ ହେଲା ଡାଟା ସେଣ୍ଟର

୨୦୦ କୋଟି ଟଙ୍କା ବ୍ୟୟରେ ଇଲେକ୍ଟ୍ରୋନିକ ମ୍ୟାନୁଫାକଚରିଂ କ୍ଲଷ୍ଟର ସ୍ଥାପନ ହେବ : ଧର୍ମେନ୍ଦ୍ର ପ୍ରଧାନ

ନ୍ୟାସନାଲ ଡାଟା ସେଣ୍ଟର
ଶ୍ରୀଯୁକ୍ତ ରବିଶଙ୍କର ପ୍ରସାଦ
NATIONAL DATA CE
National Informatics Centre
Ministry of Electronics & Information Technology
Inaugurated by
Shri Ravi Shankar Prasad
Shri Dharmendra Pradhan
25th May, 2018

ଭୁବନେଶ୍ୱର, ୨୮।୫ (ସକାଳ ଖବର): କେନ୍ଦ୍ର ସରକାର ଓଡିଶାରେ ୨୦୦ କୋଟି ଟଙ୍କା ବ୍ୟୟରେ ଇଲେକ୍ଟ୍ରୋନିକ ମ୍ୟାନୁଫାକଚରିଂ କ୍ଲଷ୍ଟର ସ୍ଥାପନା କରିବାକୁ ନିଷ୍ପତି ଗ୍ରହଣ କରିଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି । ଭୁବନେଶ୍ୱର ଠାରେ ନ୍ୟାସନାଲ ଇନଫୋର୍ମେଟିକ ସେଂଟର (ଏନଆଇସି) ଦ୍ୱାରା କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ଦ୍ୱାରା ନ୍ୟାସନାଲ ଡାଟା ସେଂଟର ଉଦଘାଟନ ସମାରୋହରେ ଯୋଗ ଦେଇ ଏହା କହିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ଏଥିରେ କେନ୍ଦ୍ର ସରକାର ୯୩ କୋଟି ଟଙ୍କା ପ୍ରଦାନ କରିବେ ଓ ଏଥି ମଧ୍ୟରୁ ୧୮ କୋଟି ଟଙ୍କା ମଂଜୁର ହୋଇ ସାରିଛି । କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ସହଯୋଗର ହାତ ବଢାଇ ରାଜ୍ୟରେ ଇଲେକ୍ଟ୍ରୋନିକ୍ସ ବିନିର୍ମାଣ ଯୋଜନାକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାରଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ଦେଶରେ ପୂର୍ବରୁ ତିନୋଟି ନ୍ୟାସନାଲ ଡାଟା ସେଂଟର ଥିବା ବେଳେ ପୂର୍ବ ଭାରତରେ ପ୍ରଥମ ପ୍ରକଳ୍ପ ଓଡିଶାରେ ହେବା ମୋଦି ସରକାରଙ୍କର ଓଡିଶା କେନ୍ଦ୍ରିକ ଯୋଜନାକୁ ସ୍ପଷ୍ଟ କରୁଛି । ଡିଜିଟାଲ ଗଭର୍ନାନ୍ସ କେବଳ ପାଠ ପଢା ଲୋକଙ୍କ ବିଷୟ ନୁହେଁ ଏହା ଦେଶର ସାଧାରଣ ଲୋକଙ୍କ ଜୀବନ ମାନରେ ଉନ୍ନତି ଆଣିବା ପାଇଁ ଏକ ସଫଳ ପ୍ରୟୋଗ । ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୁକ୍ତ ପ୍ରୟୋଗ ମିନିମମ ଗଭର୍ନମେଂଟ - ମାକ୍ସିମମ ଗଭର୍ନାନ୍ସ ପ୍ରଧାନମନ୍ତ୍ରୀଙ୍କ ଦୃଢ ଇଚ୍ଛାଶକ୍ତିକୁ ଏନଆଇସି ଦ୍ୱାରା ସୂଚନା ପ୍ରଯୁକ୍ତି ବିଦ୍ୟାର ସହାୟତାରେ ସଫଳ ହେବାର ଏହା ସଦ୍ୟତମ ଉଦାହରଣ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର ମାନେ ବିଭିନ୍ନ ଯୋଜନା ତିଆରି କରୁଛନ୍ତି । ମାତ୍ର ଯୋଜନାର ଲାଭ ପୂର୍ବରୁ ହିତାଧିକାରୀ ମାନଙ୍କ ପାଖରେ ପହଂଚିବା ପୂର୍ବରୁ ମଧ୍ୟସ୍ଥିଙ୍କ ଦ୍ୱାରା ହରି ଲୁଟ ହେଉଥିଲା । ଏବେ ଡିଜିଟାଲ ପ୍ଲାଟଫର୍ମରେ ସବୁ କେନ୍ଦ୍ରୀୟ ଯୋଜନାର ଲାଭ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧା **(ପୃଷ୍ଠା-୭)**

ଆଜି ସିବିଏସଇ ଦଶମ ରେଜଲ୍ଟ

ଭୁବନେଶ୍ୱର, ୨୮।୫ (ସକାଳ ଖବର): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ଦ୍ୱାରା ପରିଚାଳିତ ୧୦ମ ଶ୍ରେଣୀ ପରୀକ୍ଷା ଫଳ ଆସନ୍ତାକାଲି ପ୍ରକାଶ ପାଇବ । ମଙ୍ଗଳବାର ସଂଧ୍ୟା ୪ଟାରେ ଏହି ରେଜଲ୍ଟ ପ୍ରକାଶ ପାଇବ ବୋଲି ବିଭାଗୀୟ କେନ୍ଦ୍ର ସଚିବ ଅନିଲ ସ୍ୱରୁପ ଟୁଇଟର ଜରିଆରେ ସୂଚନା ଦେଇଛନ୍ତି। ଛାତ୍ରଛାତ୍ରୀମାନେ ସେମାନଙ୍କ ସିବିଏସ୍ଇ ୧୦ମ ଶ୍ରେଣୀ ପରୀକ୍ଷା ଫଳକୁ ସିବିଏସସି ଡଟ୍ ଏନଆଇସି ଡଟ୍ ଇନ୍ , ସିବିଏସସି ରେଜଲ୍ଟସ୍ ଡଟ୍ ଏନଆଇସି ଡଟ୍ ଇନ୍ , ମାଇକ୍ରୋସଫ୍ଟ ଏସଏମଏସ୍ ଅର୍ଗାନାଇଜର , ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଗୁଗୁଲ ଡଟ୍ କମ୍ ,ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ବିଙ୍ଗ୍ ଡଟ୍ କମ୍ କିମ୍ବା ଉମଙ୍ଗ ଆପ୍ ଜରିଆରେ ଜାଣିପାରିବେ । ଛାତ୍ରଛାତ୍ରୀ ନିଜର ରୋଲ୍ ନମ୍ବର , ସ୍କୁଲ କୋଡ୍ ଓ ଜନ୍ମ ତାରିଖ ଦେଇ ସେମାନଙ୍କ ରେଜଲ୍ଟ ଦେଖିପାରିବେ । ଚଳିତ ବର୍ଷ ପାଖାପାଖି ୨୮ଲକ୍ଷ ଛାତ୍ରଛାତ୍ରୀ ସିବିଏସ୍ଇ ବୋର୍ଡ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୬ଲକ୍ଷ ଛାତ୍ରଛାତ୍ରୀ ଅଲ ଇଣ୍ଡିଆ ସେକେଣ୍ଡାରୀ ସ୍କୁଲ ଏଗଜାମ୍ (ଏଆଇଏସ୍ଏସ୍ଇ) ଅର୍ଥାତ ୧୦ଶ୍ରେଣୀ ପରୀକ୍ଷା ଦେଇଥିଲେ ।

ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଗତ ମଇ ୨୬ ତାରିଖରେ ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଏଥିରେ ପାସ୍ ହାର ୮୩.୦୧ ପ୍ରତିଶତ ରହିଥିଲା।

ହଟିଲେ ବିପିୟୁଟି କୁଳପତି

ଭୁବନେଶ୍ୱର, ୨୮।୫ (ସକାଳ ଖବର): ଆର୍ଥିକ ଅନିୟମିତତା ଅଭିଯୋଗ କାରଣରୁ ବିଜୁ ପଟ୍ଟନାୟକ ବୈଷୟିକ ବିଦ୍ୟାଳୟ(ବିପିୟୁଟି) ଭିସି ଚିତ୍ତରଞ୍ଜନ ତ୍ରିପାଠୀଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି । ତାଙ୍କ ବଦଳରେ ଉତ୍ତରାଞ୍ଚଳ ଆରଡିସି ଡି.ଭି ସ୍ୱାମୀ ଦାୟିତ୍ୱ ନେଇଛନ୍ତି । ଚିତ୍ତରଞ୍ଜନଙ୍କ ନାଁରେ ଅନିୟମିତତା ଅଭିଯୋଗ ଆସିବା ପରେ ତାଙ୍କୁ ପଦବୀରୁ ନିଲମ୍ବନ କରାଯାଇଛି । ସୂଚନାଯୋଗ୍ୟ, ବିପିୟୁଟିର କୁଳପତି ଥିବା ଚିତ୍ତରଞ୍ଜନଙ୍କ ନାଁରେ ଟଙ୍କା ହେରଫେର୍ କରିବା ନେଇ ଅଭିଯୋଗ ହୋଇଥିଲା । ଏହା ପରେ ରାଜ୍ୟପାଳ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେବା ସହ ତାଙ୍କୁ ଦାୟିତ୍ୱରୁ ହଟାଇଥିବା ଥିବା ସୂଚନା ମିଳିଛି ।

ମାଓବାଦୀ ଭୟ

ଗାଁ ଛାଡ଼ିଲେଣି ବହୁ ଗ୍ରାମବାସୀ

ମାଲକାନଗିରି, ୨୮।୫ (ସକାଳ ଖବର): ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲା ପୂଜାରୀ କାକେର ଠାରେ ଦେଢ଼ମାସ ତଳେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଏନକାଉଂଟର ହୋଇଥିଲା। ଏଥିରେ ୧୦ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ପୋଲିସକୁ ସୂଚନା ଦେଇଥିବା ଦର୍ଶାଇ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ପୋଲିସକୁ ସୂଚନା ଦେଇଥିବା ଦର୍ଶାଇ ମାଓବାଦୀମାନେ ଏକମାସ ମଧ୍ୟରେ ୪ଜଣ ଗ୍ରାମବାସୀଙ୍କୁ ହତ୍ୟା କରିବା ସହ ଅନେକଙ୍କୁ ମାରପିଟ କରିବାରୁ ମାଓବାଦୀଙ୍କ ଭୟରେ ୧୦ଟି ପରିବାର ଗାଁ ଛାଡ଼ି ପଳାଇ ଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଅସୁର ଥାନା ମାରୁଡବାକା ଗ୍ରାମରେ ୩/୫ରେ ସୂଚନାଦାତା ସନ୍ଦେହରେ ଶଙ୍କର ପଡ଼ିଆମୀ, ୧୭/୫ରେ ଚିଗନପଲ୍ଲିରେ ଜରେ ଯୁବକ, ୨୮/୪ରେ ଗୋଟଲାପଲ୍ଲିରେ ଜଣେ ଗ୍ରାମବାସୀ ଓ ତେଲେଙ୍ଗାନା ରାଜ୍ୟ ସୀମାକୁ ଲାଗିଥିବା ପୁଷୁଗୁଫାରେ ଜଣଙ୍କୁ ହତ୍ୟା କରିଥିଲେ। ଏ ସମ୍ପର୍କରେ ତେଲେଙ୍ଗାନା ରାଜ୍ୟ ଚେରଲା ଥାନାରେ ଏତଲା ଦିଆଯାଇଥିଲା। ଏପରିକି ମାଓବାଦୀମାନେ କିଛି ଗ୍ରାମବାସୀଙ୍କୁ ଅପହରଣ କରିନେବା ପରେ ମାଡ଼ମାରି **(ପୃଷ୍ଠା-୭)**

ସ୍ୱାମୀ ମାଓ ସଂଗଠନ ନଛାଡ଼ିବାରୁ ସ୍ତ୍ରୀର ଆତ୍ମହତ୍ୟା

ମାଲକାନଗିରି, ୨୮।୫ (ସକାଳ ଖବର): ବସ୍ତରରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ଚାଲିଥିବା ଲଢ଼େଇକୁ ପଛରେ ପକାଇ ଦେଇ ସମସ୍ତଙ୍କୁ ଚକିତ କରିଛି ଏକ ଘଟଣା। ସ୍ୱାମୀକୁ ମାଓ ସଂଗଠନ ଛାଡ଼ି ଆତ୍ମ ସମର୍ପଣ କରିବା ପାଇଁ କହିବା ପରେ ବି ଆତ୍ମ ସମର୍ପଣ ନକରିବାରୁ ଆଜି ସ୍ତ୍ରୀ ବିଷପିଇ ଆତ୍ମହତ୍ୟା କରିଛି। କୋଣ୍ଡାଗାଁ ଏସ.ପି. ଡା. ଅଭିଷେକ ପଲ୍ଲବଙ୍କ ଠାରୁ ମିଳିଥିବା ସୂଚନା ମୁତାବକ ମର୍ଦାପାଲ ଥାନା ନେତବାଲ ଗ୍ରାମର ମରକାଲ ପାରା ସାହିର ଭାନପୁରୀ ଦଳମର ୩ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ ରମେଶ ସୋରି(୩୦)ଙ୍କ ସ୍ତ୍ରୀ ସୋନମତି ନିଜ ଘର ବରବାଦ ହୋଇଯାଉଥିବା ଦେଖି ସ୍ୱାମୀ ରମେଶଙ୍କୁ ମାଓ ସଂଗଠନ ଛାଡ଼ି ସାଧାରଣ ଜୀବନ ବିତାଇବା ପାଇଁ ଆତ୍ମ ସମର୍ପଣ କରିବାକୁ ବୁଝାଇଥିଲା। କିନ୍ତୁ ଆଜି ସେ ନମାନିବାରୁ ଅନ୍ୟ ଉପାୟ ନପାଇ ଶେଷରେ ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେପଟେ ବାପା ପୋଲିସ କବଳରୁ ବଂଚିବା **(ପୃଷ୍ଠା-୭)**

ଷ୍ଟେରଲାଇଟ୍ ପ୍ଲାଣ୍ଟ ବନ୍ଦ ନିର୍ଦ୍ଦେଶ

STERLITE COPPER
STERLITE COPPER

ଚେନ୍ନାଇ,୨୮।୫ (ସକାଳ ଖବର): ତାମିଲନାଡୁ ସରକାର ଟୁଟିକୋରିନ ସ୍ଥିତ ବେଦାନ୍ତ ଷ୍ଟେରଲାଇଟ ପ୍ଲାଣ୍ଟକୁ ସବୁଦିନ ପାଇଁ ବନ୍ଦ କରିବାକୁ ଆଦେଶ ଜାରି କରିଛନ୍ତି । ଉଲ୍ଲେଖଯୋଗ୍ୟ ପ୍ଲାଣ୍ଟକୁ ବିରୋଧ କରୁଥିବା ଲୋକଙ୍କ ଉପରକୁ ପୋଲିସ ଗୁଳି ଚଳାଇବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା । ଉପ ମୁଖ୍ୟମନ୍ତ୍ରୀ ଓ ପନ୍ନିରସେଲଭମ ସୂଚନା ଦେଇ କହିଛନ୍ତି ଯେ ଲୋକଙ୍କ ଦାବିକୁ ଧ୍ୟାନରେ ରଖି ତମ୍ବା ପ୍ଲାଣ୍ଟକୁ ସବୁ ଦିନ ପାଇଁ ବନ୍ଦ କରି ଦିଆଯାଇଛି । ତାମିଲନାଡୁ ସରକାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ତମ୍ବା ପ୍ଲାଣ୍ଟକୁ ସବୁ ଦିନ ପାଇଁ ବନ୍ଦ ରଖିବାକୁ ଆଜି ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଟୁଟିକୋରିନରେ ପ୍ଲାଣ୍ଟକୁ ବିରୋଧ କରୁଥିବା ଲୋକେ ମେ ୨୨ରେ ପ୍ଲାଣ୍ଟ ଅଭିମୁଖେ ଗତି କରିଥିଲେ ଏବଂ ପରେ ଜିଲ୍ଲାପାଳଙ୍କ ଅଫିସରେ ଧଶେଇ ପଶିବାକୁ ଚେଷ୍ଟା କରିଥିଲେ । ପ୍ରଦର୍ଶନକାରୀ ପୋଲିସ ଗାଡି ଭଙ୍ଗାରୁଜା ମଧ୍ୟ କରିଥିଲେ । ଶେଷରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇ ନିୟନ୍ତ୍ରଣ ବାହାରକୁ ଚାଲି ଯିବାରୁ ପୋଲିସ ଗୁଳିଚାଳନା କରିଥିଲେ । ଏଥିରେ ବର୍ତ୍ତମାନ ସୁଦ୍ଧା ୧୩ ଜଣ ପ୍ରାଣ ହରାଇଛନ୍ତି । ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପନିରସେଲଭାମ ସୋମବାର ସୂଚନା ଦେଇ କହିଛନ୍ତି ଯେ ଆଜି ଲୋକଙ୍କ ସବୁଠୁ ଦାବି ଯେ ପ୍ଲାଣ୍ଟକୁ ସବୁ ଦିନ ପାଇଁ ବନ୍ଦ କରି ଦିଆଯାଉ । ଏହାକୁ ଧ୍ୟାନରେ ରଖି ପ୍ଲାଣ୍ଟକୁ ବନ୍ଦ କରି ଦିଆଯାଇଛି । ସୋମବାର ଟୁଟିକୋରିନ ପହଞ୍ଚିଥିବା ଉପ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହସ୍ପିଟାଲରେ ଭର୍ତ୍ତି ଆହତ ପ୍ରଦର୍ଶନକାରୀଙ୍କ କିଛି ଦାବି ରହିଛି ଯାହା ଉପରେ ବିଚାର କରାଯିବ । ଏହି ସଂଦର୍ଭରେ ଗୃହରେ ପ୍ରସ୍ତାବ ମଧ୍ୟ ଆଗତ କରାଯିବଛ ଲୋକଙ୍କୁ ବିଶ୍ୱାସ ଦେବା ପାଇଁ ପ୍ଲାଣ୍ଟକୁ ବନ୍ଦ କରିବା ପାଇଁ ଯଥା ସମ୍ଭବ କାନୁନ ପଦକ୍ଷେପ ନିଆଯାଇଛି ।

ପୋଲିସ ଲୋକଙ୍କ ଘରକୁ ଯାଇ ସେମାନଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗକୁ ଉପ ମୁଖ୍ୟମନ୍ତ୍ରୀ ଖଣ୍ଡନ କରିଛନ୍ତି । ସେ ଏହା ମଧ୍ୟ ଦୃଢୋକ୍ତି ପ୍ରକାଶ କରିଛନ୍ତି ଯେ ଲୋକେ ଏଆଇଏଡିଏମକେ ସରକାର ପ୍ରତି ଅସନ୍ତୋଷ ନାହାନ୍ତି ।

ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ

ହୁଣ୍ଡିର ଆୟ (୨୨.୫.୧୮) ୩,୨୧,୧୫୬

¨Àÿê FLÿ{¨Ó Ó{`ÿ†ÿœÿ†ÿæ Lÿæ¾¿LÿþÀÿ ÉµÿæÀÿ»

[illegible]

¨Àÿê ¨æB Lÿ$æsF Lÿæ¾¿Lÿþ

[illegible]

"DfÁÿæ' SÀÿê¯ÿ þÜÿÁÿæZÿ Óþæ fLÿ œÿ¿æß ¨æB ¨$ ¨Àÿ Íæ Àÿ LÿÀÿd - : ™{þ¢ÿ ¨™æœÿ

[illegible]

dæ†ÿdæ†ÿêZÿ ¯ÿÉÓÀÿêß ™¢ÿæþÁÿLÿ Éäæ ¯ÿ¿ ¯ÿ×æ {¾æSæB ¯ÿæLÿ ¯ÿÏæþ~æ ¨†ÿ ÓæäÀÿ Lÿÿàÿæ S~Éäæ ¯ÿµÿæS

[illegible]

µÿæàÿ AæLÿþ~{Àÿ 2f~ AæÜÿ†ÿ

[illegible]

’ÿB µÿD~êZÿ ÉÿÁÿ Óþæ™

[illegible]

¾¯ÿÉNÿ ’ÿæÀÿæ ¯ÿ’ÿÁÿ$¯ÿæ {’ÿÉ

Ôÿàÿ Éäæ{Àÿ A–ÿ†ÿ¨¯ÿ DŸ†ÿ H B{œÿæ{µÿÓœÿ D¨{Àÿ SÀÿ†ÿ

7 AæBAæBs, 7 AæBAæBFþ, 14 AæBAæBAæBs F¯ÿó A{œÿLÿ œÿAæ ¯ÿÉ ÿ’ÿ¿æÁÿÿß ÓÜÿ†ÿ DaÿÉäæ{Àÿ œÿAæ Ó{¾æS

Ôÿàÿ BƒAæ þæšþ{Àÿ 1 {LÿæsÀÿ A™Lÿ ¾¯ÿLÿþæœÿZÿ ¨Éä~

¾¯ÿLÿþæœÿZÿ AæSLÿ ¯ÿÞ ¯ÿæ ¨æB DŸ†ÿ A¯ÿÓÀÿ

þ’ÿæ, Îæs-A¨, Îæf-A¨ µÿÁÿ {¾æfœÿæ þæšþ{Àÿ Ó{Àÿæf SæÀÿ{Àÿ A¨†ÿ¿Éÿ¯ÿ•

’ÿ†ÿ µÿ¯ÿµÿÀÿ œÿþæ~ ’ÿæÀÿæ ’ÿ†ÿ S†ÿ{Àÿ ¯ÿþ$¯ÿæ {Àÿæf SæÀÿ Ó{¾æS LÿþæSÿ µÿæ¯ÿ{Àÿ þÀÿ$¯ÿæ {¨æÜÿæÜÿœÿ ’ÿæÀÿæ ¨æB{µÿs {ÓLÿÀÿ{Àÿ Ó{¾æSÀÿ ¯ÿ•

{Q{àÿæ BƒAæ Lÿæ¾¿LÿþÀÿ ÉµÿæÀÿ», {¾Dvÿæ{Àÿ ¨†ÿµÿæÉÁÿêÿ {QÁÿæÁÿÿþæœÿZÿ 8 ¯ÿÏ ¨æB ¨†ÿ¯ÿÏ 5àÿä sZÿæÀÿ ÓÜÿæß†ÿæ

{’ÿÉÀÿ ¯ÿ• ¨æD$¯ÿæ ¯ÿÉæÓ...

A™Lÿ Ó¯ÿœÿæ ¨æB **48months.mygov.in** Lÿÿ ¾æAæ;ÿ

µÿæÀÿ†ÿ Lÿœÿ{Üÿ{Àÿ{œÿó þæšþ{Àÿ ÓæÀÿæ µÿæÀÿ†ÿÀÿ þ’ÿæ {¾æfœÿæ Üÿ†ÿæ™Lÿæ{Àÿêþæœÿ ÓÜÿ†ÿ ¨™æœÿþ¦ê œÿ{Àÿ¢ÿ {þæ’ÿ Aæ{àÿæ`ÿœÿæ LÿÀÿ{¯ÿ

×æœÿ : 29 þ, 2018 | Óþß : ÓLÿæÁÿ 9:30 | àÿæBµÿ {’ÿQ;ÿ : ’ÿÀÿ’ÿÉœÿ {œÿsH¤Lÿ{Àÿ

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ’ÿLÿ : Aþ†ÿ Lÿþæ Àÿ þàÿLÿ